# ଡିଆଇଇଟିକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

## ଗୁଣାତ୍ମକ ଶିକ୍ଷକ ପ୍ରଶିକ୍ଷଣ ଓ ଅଭିନବ ଶୈକ୍ଷିକ କାର୍ଯ୍ୟ ପାଇଁ ସ୍ୱୀକୃତି




**ଜଗତସିଂହପୁର (ଅମୃତ ମିଡ଼ିଆ) :** ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବିଭାଗରେ ଜଗତସିଂହପୁର ଡିଆଇଇଟି ଉଲ୍ଲେଖନୀୟ ଅବଦାନ ଲାଗି ରାଜ୍ୟସ୍ତରରେ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଡିଆଇଇଟିକୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମଲ୍ଲିକ ଓ ଶିକ୍ଷକ ପ୍ରଶିକ୍ଷିକା ସ୍ମିତାଶ୍ରୀ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ସ୍ମୃତି ସନ୍ତକ ଓ ମାନପତ୍ର ଗ୍ରହଣ କରିଥିଲେ । ସମାବେଶରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆୟୁକ୍ତ ତଥା ପ୍ରମୁଖ ଶାସନ ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଓ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ ପାଢ଼ୀ ମଞ୍ଚାସୀନ ଥିଲେ । ଅତ୍ୟାଧୁନିକ ଭିତ୍ତିଭୂମି, ଜିଲ୍ଲାରେ ଶିକ୍ଷାର ବିକାଶ କ୍ଷେତ୍ରରେ ଉତ୍ତମ ଯୋଗଦାନ ଓ ଶିକ୍ଷକ ତାଲିମ କ୍ଷେତ୍ରରେ ଅଭିନବ ପଦକ୍ଷେପ ସହ ନୂତନ ଯୋଜନା ପାଇଁ ଜଗତସିଂହପୁର ଡିଆଇଇଟି ଅନ୍ୟ ଜିଲ୍ଲା ପାଇଁ ପ୍ରେରଣା ପାଲଟିଛି । ପ୍ରତିଷ୍ଠାନ ପକ୍ଷରୁ ମଡେଲ ଶିଶୁବାଟିକା ନିର୍ମାଣ କରାଯାଇଛି, ଯେଉଁଥିରେ ସାକ୍ଷରତା କୋଣ, ସଂଖ୍ୟାଜ୍ଞାନ କୋଣ, ସୃଜନାତ୍ମକ କୋଣ ଓ ବାଲୁକା କୋଣ ଆଦିର ବ୍ୟବସ୍ଥା କରାଯାଇଛି । ସେହିପରି ଜିଲ୍ଲାରେ ଭଲ ପ୍ରଦର୍ଶନ କରି ପାରୁନଥିବା ବିଦ୍ୟାଳୟ ଗୁଡିକୁ ଚିହ୍ନଟ କରାଯାଇ ଛାତ୍ରଛାତ୍ରୀଙ୍କ ଉନ୍ନତି ଲାଗି ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମ କରାଯାଇଛି । କମ୍ପୋଜିଟ ପିରିଅଡ ପରିକଳ୍ପନା ତଥା ରୂପାୟନ, କର୍ମଶାଳା, ଆଲୋଚନାଚକ୍ର ଓ ଗବେଷଣା କ୍ଷେତ୍ରରେ ଏହାର ନୂଆ ପଦକ୍ଷେପ, ଅନ୍ୟ ପ୍ରତିଷ୍ଠାନ ଠାରୁ ଏହାକୁ ସ୍ୱତନ୍ତ୍ର କରିପାରିଛି । ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଏହି ସଫଳତା ଲାଗି ଅଧ୍ୟକ୍ଷ ଶ୍ରୀ ମଲ୍ଲିକ୍ ରାଜ୍ୟ ସରକାର, ଗଣଶିକ୍ଷା ବିଭାଗ, ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।